## ୨) ପୁଡ଼ା ମାଛି (Gall Fly)



ଏହି ପୋକ ବିଶେଷ ଭାବରେ ରାଶିର ଫଳକୁ ଆକ୍ରମଣ କରିଥାଏ । ଫଳ ଭିତରେ ପଶି ଏହାର ଶୂକ କଅଁଳିଆ ମଞ୍ଜିକୁ ଖାଇଯାଏ ଏବଂ ଏକ ପ୍ରକାର ରସାୟନ ଛାଡ଼ିଥାଏ, ଯାହା ଦ୍ୱାରା ଫଳରେ ଆଉ ମଞ୍ଜି ହୁଏ ନାହିଁ ଏବଂ ଫଳଗୁଡ଼ିକ ପୁଡ଼ା ସଦୃଶ ହୋଇଯାଏ ।

ଏହାର ନିୟନ୍ତ୍ରଣ କରିବା ପାଇଁ ସ୍ୱିନୋସାଡ୍ ୩ ଲିଟର ପାଣିରେ ୫ ମି.ଲି. ମିଶାଇ ସିଞ୍ଚନ କରନ୍ତୁ ।


## ୩) ଡ଼ାହାଣୀ ପୋକ (Leaf Hopper)



ଏହି ପୋକର ଉଭୟ ଅର୍ଭକ ଓ ପୂର୍ଣ୍ଣାଙ୍ଗ କୀଟ ପତ୍ରର ରସ ଶୋଷି ଖାଇଥାଆନ୍ତି । ଏହା ଝାଟୁଆ ରୋଗ ସଂକ୍ରମଣ କରିଥାଏ ।

ଏହି ପୋକକୁ ନିୟନ୍ତ୍ରଣ କରିବାକୁ ହେଲେ ୧୦ ଲିଟର ପାଣିରେ ୩ ମି.ଲି. ଇମିଡ଼ାକ୍ଲୋପିଡ୍ ଔଷଧ କିମ୍ବା ୧୫ଲି. ପାଣିରେ ୫ ଗ୍ରାମ୍ ଥାୟୋମିଥୋକ୍ଲାମ୍ ଔଷଧ ମିଶାଇ ସିଞ୍ଚନ କରନ୍ତୁ ।

## ୪) ବାଜପୋକ : (Hawk moth)



ଏହାର ଶୂକ ଟି ବହୁତ ବଡ଼ । ଏହା ଗଛର ପତ୍ର, କଢ଼ ଓ ଫୁଲକୁ ଖାଇଥାଏ । ପରେ ଏହା ଗଛର ସବୁଆଡ଼େ ବ୍ୟାପିଯାଇ ଗଛକୁ ପତ୍ରହୀନ କରିଦିଏ ।

ଏହି ପୋକକୁ ଦମନ କରିବା ନିମନ୍ତେ କ୍ଲୋରୋପାରିଫସ୍ କିମ୍ବା କ୍ୱିନାଲଫସ୍ ୨ମି.ଲି. ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

Technical Bulletien - 2018-19

**ଅଧିକ ବିବରଣୀ ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ ସହିତ ଯୋଗାଯୋଗ କରନ୍ତୁ ।**

# ରାଶି ଫସଲରେ ମୁଖ୍ୟ ରୋଗ ପୋକ ଓ ତାର ନିରାକରଣ



**ଲେଖିକା**
ଶ୍ରୀମତୀ ଇପ୍‌ସୀତା ମିଶ୍ର
ବୈଜ୍ଞାନିକ (ଶସ୍ୟ ସଂରକ୍ଷଣ)

**ସଂପାଦିକା**
ଡ. ବିନୀତା ଶତପଥୀ
ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ

## କୃଷି ବିଜ୍ଞାନ କେନ୍ଦ୍ର
## ଅନୁଗୋଳ

ରାଶି ଅନୁଗୋଳ ଜିଲ୍ଲାର ଏକ ମୁଖ୍ୟ ତୈଳବୀଜ ଫସଲ । ଜିଲ୍ଲାରେ ଚାଷ କରାଯାଉଥିବା ତୈଳବୀଜ ଫସଲମାନଙ୍କ ମଧ୍ୟରେ ରାଶିର ସ୍ଥାନ ପ୍ରଥମ ଓ ଏହା ଜିଲ୍ଲାର ତୈଳବୀଜ ଜାତୀୟ ଫସଲ ଚାଷ ଜମିର ଶତକଡ଼ା ୭୩ ଭାଗ ଜମିରେ ଚାଷ କରା ଯାଇଥାଏ । ଜିଲ୍ଲାରେ ହାରାହାରୀ ୪୨୮୦୮ ହେକ୍ଟର ଜମିରେ ରାଶି ଚାଷ କରାଯାଇଥାଏ, ଯେଉଁଥିରୁ କି ହେକ୍ଟର ପ୍ରତି ୩.୮୮ କ୍ୱିଣ୍ଟାଲ ଅମଳ ହୋଇଥାଏ । ରାଶି ଫସଲରେ ଲାଗୁଥିବା କିଛି ମୁଖ୍ୟ ରୋଗ ପୋକ ମାନଙ୍କୁ ନିୟନ୍ତ୍ରଣ କରାଯାଇ ପାରିଲେ ଚାଷୀଭାଇମାନେ ଅଧିକ ଲାଭାନ୍ୱିତ ହୋଇପାରିବେ ।

## ମୁଖ୍ୟ ରୋଗ ଓ ତାର ପ୍ରତିକାର


### ୧) ଝାଟୁଆ ରୋଗ : (Phyllody)



ଏହି ରୋଗ ହେଲେ ଫୁଲ ନ ହୋଇ ଛୋଟ ଛୋଟ ପତ୍ର ଭଳି ଅଂଶ ବାହାରିଥାଏ । ଫଳ ଧରେ ନାହିଁ କିମ୍ବା ଫଳରେ ଭଲ ମଞ୍ଜି ରହେ ନାହିଁ । ଅତିଶ୍ରୟ ହେଲେ ଗଛଟି ଝାଡୁପରି ହୋଇଯାଏ । ଯଦିଓ ଛୁଇଁ ଗଛର ତଳ ଅଂଶରେ କିଛି ମାତ୍ରାରେ ହୁଏ କିନ୍ତୁ ତାହା ଭଲ ମଞ୍ଜି ଦିଏ ନାହିଁ ।

ଏହାର ନିରାକରଣ ନିମନ୍ତେ ପ୍ରଥମେ ରୋଗାକ୍ରାନ୍ତ ଗଛକୁ ଉପାଡି ଦୂରରେ ଫୋପାଡି ଦିଅନ୍ତୁ । ରୋଗାକ୍ରାନ୍ତ ଗଛରୁ ମଞ୍ଜି ରଖନ୍ତୁ ନାହିଁ । ଏହି ରୋଗ ଉକୁଣିଆ ପୋକ ଦ୍ୱାରା ବ୍ୟାପିଥାଏ ।

### ୨) କାଣ୍ଡ ସଢ଼ା ଓ ମୂଳସଢ଼ା ରୋଗ (Root rot)




ଏହି ରୋଗରେ କବକ ଚାରା ଅବସ୍ଥାରେ ଆକ୍ରାନ୍ତ କରିଥାଏ । ଯାହାଫଳରେ ଗଛର ମୂଳ ଓଦା ହୋଇ ନରମ ହୋଇ ସଢ଼ି କଳା ପଡିଯାଏ ଓ ଗଛଟି ଭାଙ୍ଗି ମରିଯାଏ । ଏହି ରୋଗର ଜୀବାଣୁ ମଞ୍ଜି ଓ ମାଟିରେ ରହିଥାଏ ।

ଏଣୁ ଏହା ପାଇଁ ବିହନ ବିଶୋଧନ ନିହାତି କରନ୍ତୁ ଏବଂ କପର ଅକ୍ସିକ୍ଲୋରାଇଡ଼୍ ୦.୨୫ ପ୍ରତିଶତ ପାଣିରେ ମିଶାଇ ସିଞ୍ଚନ କରି ସୁଫଳ ପାଆନ୍ତୁ ।

### ୩) ପାଉଁଶିଆ ରୋଗ (Phytopthera blight)

ଏହା ଗଛର ପ୍ରାୟ ସବୁ ଅବସ୍ଥାରେ ପରିଲିକ୍ଷିତ ହୋଇପାରେ । ଏହି ରୋଗର ପ୍ରଥମ ପର୍ଯ୍ୟାୟରେ ପାଣି ବତୁରା ଧଳା ଚିହ୍ନ ସବୁ ପତ୍ରରେ ଓ ମୂଳରେ ଦେଖାଯାଏ । ପରେ ସେହି ରହିଲେ ଏହି ରୋଗ ହେବାର ଆଶଙ୍କା ବେଶୀ ଥାଏ । ଏହା ମୁଖ୍ୟ ଚେରକୁ ଆକ୍ରାନ୍ତ କରୁଥିବା ହେତୁ ଗଛଟିକୁ ଟାଣିଲେ ଗଛଟି ସହଜରେ ଉପୁଡି ଆସେ ।



ଏହାର ଦମନ ପାଇଁ ପ୍ରତି ୨ ଲିଟର ପାଣିରେ ୨ ଗ୍ରାମ୍ ସଲଫେକ୍ସ ମିଶାଇ ସିଞ୍ଚନ କରନ୍ତୁ ।

### ୪) ଝାଉଁଳା ରୋଗ (Wilting disease)



ଏହି ରୋଗ ହେଲେ ତଳପତ୍ର ପ୍ରଥମେ ହଳଦିଆ ପଡ଼ିଯାଏ ଓ ଝଡ଼ି ପଡେ । ପତ୍ରଗୁଡ଼ିକ ଭିତର ପଟକୁ ମୋଡ଼ି ହୋଇ ଶୁଖିଯାଏ । ଅଧିକ ଆକ୍ରାନ୍ତ ଗଛର ପତ୍ର ଝଡ଼ିପଡ଼େ ଓ ପରେ ଗଛଟି ସଂପୂର୍ଣ୍ଣ ଶୁଖିଯାଏ । ବେଳେବେଳେ ଚେର ମଧ୍ୟ ସଢ଼ିଯାଏ ।

ଏହି ରୋଗର ପ୍ରତିକାର ପାଇଁ ବାଭିଷ୍ଟିନ୍‌ରେ ବିହନ ବିଶୋଧନ କରି ବୁଣନ୍ତୁ । ଫସଲ ଅମଳ ପରେ ଶୁଖିଲା ପତ୍ର ସବୁ ସଫା କରନ୍ତୁ ।

## ମୁଖ୍ୟ ପୋକ ଓ ତାର ନିରାକରଣ

### ୧) ପତ୍ରଛନ୍ଦା ଓ ଫଳ ବିନ୍ଧା ପୋକ (Leaf webber & Capsule Borer):-



ଏହି ପୋକର ଶୂକ ଗଛର କଅଁଳିଆ ପତ୍ରକୁ ଖାଇଥାନ୍ତି ଏବଂ ପରେ ଅନ୍ୟପତ୍ର ଗୁଡ଼ିକୁ ମଧ୍ୟ ଆକ୍ରାନ୍ତ କରିଥାନ୍ତି । ଏହାଦ୍ୱାରା ଅଧିକ ଆକ୍ରାନ୍ତ ହୋଇଥିବା ଗଛଗୁଡ଼ିକରୁ ଶାଖା ନ ବାହାରି ମରିଯାଏ । ଏବଂ ପରେ ଆକ୍ରାନ୍ତ ହୋଇଥିବା ଗଛର ଚୂଳ ଆଉ ବଢ଼େ ନାହିଁ । ଗଛର ଫୁଲ ଅବସ୍ଥାରେ ଶୂକଗୁଡ଼ିକ ଫୁଲ ଓ ଫଳକୁ କଣା କରି ଖାଇବା ସହିତ ମଞ୍ଜିଗୁଡ଼ିକୁ ମଧ୍ୟ ଖାଇଯାଆନ୍ତି ।

ଏହାର ନିୟନ୍ତ୍ରଣ ନିମନ୍ତେ କିଛି ସର୍ଫ ଗୁଣ୍ଡ ସହ ୧ଲି. ପାଣିରେ ୫ ମି.ଲି. ନିମ୍ବତେଲର ସିଞ୍ଚନ କରିବା ସହିତ ଏହାର ୧୧-୧୫ ଦିନ ଅନ୍ତରରେ କୁଇନାଲଫସ୍/ କ୍ଲୋରୋପାଇରିଫସ୍ କୁ ୨.ମି.ଲି. ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।